# NATIONAL NEWS BULLETIN (ODIA)
## 09th May - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶର ବିଭିନ୍ନ ସେନାଘାଟିକୁ ଲକ୍ଷ୍ୟ କରି ପାକିସ୍ତାନ କରିଥିବା ଆକ୍ରମଣର ଉଚିତ ଜବାବ୍ ଦେଇଛି ଭାରତୀୟ ସେନା; କହିଲେ ବୈଦେଶିକ ସଚିବ ।
- ଭାରତର ସନ୍ତ୍ରାସବାଦ ବିରୋଧୀ ଅଭିଯାନରେ ଟେରିଟୋରିଆଲ୍ ଆର୍ମିକୁ ସାମିଲ୍ କରିବା ଦିଗରେ ନିଷ୍ପତ୍ତି ନେବାକୁ ସେନାଧ୍ୟକ୍ଷଙ୍କୁ ପୂର୍ଣ୍ଣ କ୍ଷମତା ଦେଲେ ସରକାର ।
- ବିଶ୍ୱକବି ଏବଂ ମହାରାଣା ପ୍ରତାପଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ।
- ଦେଶବ୍ୟାପୀ ନିରନ୍ତର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ; ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ।

ଏବଂ

- ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗତା-୨୦୨୫ର ୧୦ ମିଟର ଏୟାର ରାଇଫଲ୍ ମିକ୍ସଡ୍ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କଲେ ମହାରାଷ୍ଟ୍ର ଯୋଡ଼ି ।

## ଏମ୍.ଇ.ଏ. - ବିଫ୍ରିଙ୍ଗ୍

ଭାରତର ବିଭିନ୍ନ ସେନାଘାଟିଗୁଡ଼ିକୁ ଲକ୍ଷ୍ୟ କରି ପାକିସ୍ତାନ ପକ୍ଷରୁ ଗତ ରାତିରେ ଆକ୍ରମଣ କରାଯାଇଥିଲା । ତେବେ ଭାରତୀୟ ସେନା ଏହି ଆକ୍ରମଣର ଉଚିତ ଜବାବ୍ ଦେଇଛି ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି ।

***Voice :........... (Vikram Mishri)***

ଶ୍ରୀ ମିଶ୍ରି କହିଛନ୍ତି, ଭାରତ ଉପରେ କରୁଥିବା ଆକ୍ରମଣକୁ ପାକିସ୍ତାନ ସ୍ୱୀକାର ନ କରିବା' ଏହି ପଡ଼ୋଶୀ ଦେଶର ଦୋମୁହାଁ ନୀତିର ଏକ ଜ୍ୱଳନ୍ତ ଉଦାହରଣ । ପାକିସ୍ତାନର ବାହାବଳପୁରଠାରେ ଥିବା ଜୈସେ-ଇ-ମହମ୍ମଦର ମୁଖ୍ୟାଳୟ ଉପରେ କରାଯାଇଥିବା ଆକ୍ରମଣ ହେଉଛି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ର ସାମ୍ବାଦିକ ଡାନିଏଲ୍ ପର୍ଲଙ୍କୁ କରାଯାଇଥିବା ବର୍ବରୋଚିତ ହତ୍ୟାର ଉପଯୁକ୍ତ ଜବାବ୍ ବୋଲି ବୈଦେଶିକ ସଚିବ କହିଛନ୍ତି ।

ଏ ସମ୍ପର୍କରେ ସୂଚନା ଦେଇ ଭାରତୀୟ ସେନାର କଲୋନେଲ୍ ସୋଫିଆ କ୍ୟୁରେସି କହିଛନ୍ତି, ପାକିସ୍ତାନ ଲେହଠାରୁ ସିର୍କ୍ରିକ୍ ମଧ୍ୟରେ

ଗତରାତିରେ ପ୍ରାୟ ୪୦୦ ଡ୍ରୋନ୍ ବ୍ୟବହାର କରି ୩୬ଟି ସ୍ଥାନରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲା । ତେବେ ଭାରତୀୟ ସେନା ପକ୍ଷରୁ ଏହିସବୁ ଡ୍ରୋନ୍‌ଗୁଡ଼ିକୁ ନିଷ୍ଫଳ କରାଯାଇଛି । ସୋଫିଆ କହିଛନ୍ତି, ଦେଶର ବିଭିନ୍ନ ସାମାରିକ ଭିତ୍ତିଭୂମିକୁ କ୍ଷତି କରିବା ଉଦ୍ଦେଶ୍ୟରେ ପଶ୍ଚିମାଞ୍ଚଳରେ ଅନେକ ଥର ପାକିସ୍ତାନ' ଭାରତୀୟ ଆକାଶପଥ ସୀମା ଉଲ୍ଲଙ୍ଘନ କରିବାକୁ ଚେଷ୍ଟା କରିଛି । ଏହାଛଡ଼ା ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନ ପକ୍ଷରୁ ପ୍ରବଳ ଗୁଳିଗୋଳା ମାଡ଼ କରାଯାଇଛି । ଗୁଇନ୍ଦା ତଥ୍ୟ ହାସଲ କରିବା ସହ ଏୟାର ଡିଫେନ୍ସ ସିଷ୍ଟମକୁ ପରୀକ୍ଷା କରିବା ଲାଗି ଏହି ଅନୁପ୍ରବେଶ ଉଦ୍ଦିଷ୍ଟ ଥିଲା ବୋଲି ସୋଫିଆ କ୍ୟୁରେସି କହିଛନ୍ତି । ସେ କହିଛନ୍ତି, ଭାରତ ପକ୍ଷରୁ ଅକାମି କରି ଦିଆଯାଇଥିବା ପାକିସ୍ତାନ  ଡ୍ରୋନ୍‌ଗୁଡ଼ିକର ଅବଶେଷଗୁଡ଼ିକର ଫରେନ୍‌ସିକ୍ ତଦନ୍ତ କରାଯାଇଛି ଏବଂ ପ୍ରାଥମିକ ତଦନ୍ତରୁ ଏଗୁଡ଼ିକ ତୁର୍କୀ ନିର୍ମିତ ଡ୍ରୋନ୍ ବୋଲି ଜଣାପଡ଼ିଛି ।

***Voice :........... (Sofia)***

ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ନୌବାହିନୀର ଓ୍ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂହ କହିଛନ୍ତି, ଶତ୍ରୁପକ୍ଷର ଆକ୍ରମଣକୁ ପ୍ରତିହତ କରିବା ଲାଗି ଭାରତର ସଶସ୍ତ୍ର ଡ୍ରୋନ୍‌ଗୁଡ଼ିକୁ ପାକିସ୍ତାନର ୪ଟି ଏୟାର ଡିଫେନ୍ସ ସ୍ଥଳୀ ଉପରେ ଛଡ଼ା ଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଡ୍ରୋନ୍ ପାକିସ୍ତାନର ଏ.ଡି. ରାଡାର୍‌କୁ ଧ୍ୱଂସ କରିବାରେ ସଫଳ ହୋଇଛି । ସେହିଭଳି ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନ ପକ୍ଷରୁ କରାଯାଇଥିବା ଗୁଳିଗୋଳା ମାଡ଼ରେ ଭାରତୀୟ

ସେନାର କେତେଜଣ ସୁରକ୍ଷା କର୍ମୀ ଆହତ ହେବା ସହ ସମ୍ପୃକ୍ତ ଅଞ୍ଚଳରେ କ୍ଷୟକ୍ଷତି ମଧ୍ୟ ହୋଇଛି । ତେବେ ଭାରତ ପକ୍ଷରୁ ଏହାର ଜବାବ୍‌ରେ କରାଯାଇଥିବା ଗୁଳିମାଡ଼ରେ ପାକିସ୍ତାନ ସେନାର ବିପୁଳ କ୍ଷତି ହୋଇଛି ବୋଲି ବ୍ୟୋମିକା ସିଂହ କହିଛନ୍ତି ।

## ସେଣ୍ଟର - ଟେରିଟୋରିଆଲ୍ ଆର୍ମି

ଭାରତର ସନ୍ତ୍ରାସବାଦ ବିରୋଧୀ ଅଭିଯାନରେ ସେନାକୁ ସହାୟତା କରିବା ଉଦ୍ଦେଶ୍ୟରେ ଟେରିଟୋରିଆ ଆର୍ମିର ଅଧିକାରୀ ତଥା ସୁରକ୍ଷା କର୍ମୀଙ୍କୁ ସାମିଲ୍ କରିବା ଦିଗରେ ନିଷ୍ପତ୍ତି ନେବା ଲାଗି ସରକାର ସେନାଧ୍ୟକ୍ଷଙ୍କୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି । ଟେରିଟୋରିଆଲ୍ ଆର୍ମି ନିୟମ, ୧୯୪୮ ଅଧୀନରେ ସେନାଧ୍ୟକ୍ଷଙ୍କୁ ଏହି କ୍ଷମତା ପ୍ରଦାନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି, ଦକ୍ଷିଣାଞ୍ଚଳ, ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣ-ପୂର୍ବାଞ୍ଚଳ, କେନ୍ଦ୍ରୀୟ ଏବଂ ଆଣ୍ଡାମାନ ଓ ନିକୋବର କମାଣ୍ଡ ସମେତ ସେନା ତାଲିମ୍ କମାଣ୍ଡ ଅଞ୍ଚଳରେ ଟେରିଟୋରିଆଲ୍ ଆର୍ମିର ମୋଟ୍ ୩୨ଟି ବାଟାଲିୟନ୍ ରହିଛି । ସେଥିମଧ୍ୟରୁ ୧୪ଟି ବାଟାଲିୟନ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନ୍ତର୍ଭୁକ୍ତ ବୋଲି ଜଣାପଡ଼ିଛି । ଏହି ନିର୍ଦ୍ଦେଶନାମା ଆସନ୍ତା

୨୦୨୮ ମସିହା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ଜେ.କେ. ଓମାର ଅବଦୁଲ୍ଲା ଭିଜିଟ୍

ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆଜି ଜମ୍ମୁର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକୁ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଥଇଥାନ କରାଯାଇଥିବା ଜମ୍ମୁ ଏବଂ ଶାମ୍ବା ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀ ଶ୍ରୀ ଅବଦୁଲ୍ଲା ପରିଦର୍ଶନ କରିବା ସହିତ ସେମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରଭାବିତ ଜନସାଧାରଣଙ୍କର ସୁରକ୍ଷା ଓ କଲ୍ୟାଣ ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶିବିରରେ ଥିବା ଲୋକଙ୍କୁ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ସହିତ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିବା ଲାଗି ସେ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପି.ଏମ୍. - ଟାଗୋର୍

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର୍‌ଙ୍କର ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଦେଶର ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ସହ ବିଶ୍ୱ ସ୍ତରରେ ପହଞ୍ଚାଇବା ଦିଗରେ ଟାଗୋର୍‌ଙ୍କ ଅବଦାନ ସର୍ବଦା ସ୍ମରଣୀୟ । ବିଶେଷକରି ସେ ମାନବୀୟ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ଦେଶବାସୀଙ୍କ ମଧ୍ୟରେ ଏକ ସଶକ୍ତ ଜାତୀୟତାବାଦୀ ମନୋଭାବ ଜାଗ୍ରତ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏତଦ୍‌ବ୍ୟତୀତ ଶାନ୍ତିନିକେତନକୁ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ  ସଫଳ କରାଇବା ଦିଗରେ ତାଙ୍କର ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ମୋଦି କହିଛନ୍ତି ।

# ପି.ଏମ୍. - ମହାରାଣା ପ୍ରତାପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅମର ଯୋଦ୍ଧା ମହାରାଣା ପ୍ରତାପଙ୍କର ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ

କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ମାତୃଭୂମିର ଆତ୍ମସମ୍ମାନ ରକ୍ଷା ଲାଗି ମହାରାଣା ପ୍ରତାପଙ୍କ ଅଦମ୍ୟ ସାହସ ଆଜି ବି ଦେଶବାସୀଙ୍କର ମାର୍ଗଦର୍ଶନ କରୁଛି । ଏହି ଯୋଦ୍ଧାଙ୍କର ଭାରତମାତାଙ୍କ ପ୍ରତି ରହିଥିବା ଉତ୍ସର୍ଗୀକୃତ ସେବା ମନୋଭାବ ଦେଶବାସୀଙ୍କୁ ସର୍ବଦା ପ୍ରେରଣା ଯୋଗାଉଥିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ନଡ୍ଡା - ମିଟିଂ

ଦେଶବ୍ୟାପୀ ନିରନ୍ତର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଦେଶବ୍ୟାପୀ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରସ୍ତୁତିର ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଦେଶର ତୃଣମୂଳ ସ୍ତରରେ ବିଶେଷକରି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଦିଗରେ ସମସ୍ତ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ଦେଶବ୍ୟାପୀ ସମସ୍ତ ହସ୍ପିଟାଲ୍‌ରେ ଥିବା ସ୍ୱାସ୍ଥ୍ୟସେବା ଯନ୍ତ୍ରପାତି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ସମ୍ପର୍କରେ ସୁନିଶ୍ଚିତ କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟସେବା ତଥା ଏ ସମ୍ପର୍କିତ

ସମ୍ବଳକୁ ସଶକ୍ତ କରିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ଜରୁରୀକାଳୀନ ଏବଂ ସମନ୍ୱିତ ପଦକ୍ଷେପ ଉପରେ ପଦସ୍ଥ ଅଧିକାରୀମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସମସ୍ତ ହସ୍ପିଟାଲ୍‌ରେ ଆବଶ୍ୟକ ଔଷଧ, ପର୍ଯ୍ୟାପ୍ତ ପରିମାଣର ରକ୍ତ, ଅକ୍ସିଜେନ୍ ଏବଂ ଟ୍ରମାକେୟାର୍ କିଟ୍ ମହଜୁଦ ରଖିବା ଲାଗି ପରାମର୍ଶ ଦିଆଯାଇଛି ।

## ମିଡିଆ ଆଡ୍‌ଭାଇଜରୀ

ଆତଙ୍କବାଦ ବିରୋଧୀ ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷା ବାହିନୀର ଗତିବିଧିର ଲାଇଭ୍ କଭରେଜ୍ କିମ୍ବା ରିଅଲ ଟାଇମ୍ ରିପୋର୍ଟିଂରୁ ନିବୃତ୍ତ ରହିବାକୁ ସରକାର' ସମସ୍ତ ଗଣମାଧ୍ୟମ ଚ୍ୟାନେଲ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷଙ୍କୁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପୂର୍ବ ମାର୍ଗଦର୍ଶିକାକୁ ଉଦ୍ଧୃତ କରି ଏହି ପରାମର୍ଶ ଦିଆଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି, ଏପରି ସମ୍ବେଦନଶୀଳ ଏବଂ ଉତ୍ସ ଆଧାରିତ ସୂଚନା ପ୍ରକାଶ କରିବା ଦ୍ୱାରା ସେନାର କାର୍ଯ୍ୟଶୈଳୀ ଉପରେ ପ୍ରଭାବ ପଡ଼ିବା ସହ ସୁରକ୍ଷାକର୍ମୀଙ୍କ ଜୀବନକୁ ବିପଦରେ ପକାଇପାରେ । ଏହାଦ୍ୱାରା ସମସ୍ତ

ଅଂଶୀଦାରଙ୍କୁ ସତର୍କ, ସମ୍ବେଦନଶୀଳ ଏବଂ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଛି ।

***Voice* :........... *(Media Advisory)***

## ଏସ୍.ସି. - ତାହାୱୁର ରାଣା

୨୬/୧୧ ମୁମ୍ବାଇ ସନ୍ତ୍ରାସବାଦ ଆକ୍ରମଣର ଅଭିଯୁକ୍ତ ତାହାୱୁର ରାଣାକୁ ଅଦାଲତ ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି । ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ.ର ଏକ ସ୍ୱତନ୍ତ୍ର ଅଦାଲତ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ରାଣାକୁ ଏହି ମାମଲା ସମ୍ପର୍କରେ ଅଧିକ ପଚରାଉଚରା କରିବା ଲାଗି ଏନ୍.ଆଇ.ଏ. ରିମାଣ୍ଡ୍‌ରେ ନେଇଥିଲା । ଏହି ୨୬/୧୧ ଘଟଣାର ଅନ୍ୟ ଅଭିଯୁକ୍ତ ଡେଭିଡ୍ କୋଲେମାନ ହେଡ୍‌ଲୀ ସହିତ ଫୋନ୍ ମାଧ୍ୟମରେ ହୋଇଥିବା କଥାବାର୍ତ୍ତାର ରେକର୍ଡ଼ିଂରେ ଥିବା କଣ୍ଠସ୍ୱର ରାଣାର କି ନୁହେଁ ତାହା ପ୍ରମାଣ କରିବା ଲାଗି ଏନ୍.ଆଇ.ଏ. ପକ୍ଷରୁ ପୂର୍ବରୁ ତା'ର କଣ୍ଠସ୍ୱର ନମୁନା ସଂଗ୍ରହ କରାଯାଇଛି । ସୂଚନାଯୋଗ୍ୟ, ପାକିସ୍ତାନ ଓ କାନାଡ଼ାର ନାଗରିକ ରାଣାକୁ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ନିକଟ ଅତୀତରେ ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରତ୍ୟର୍ପଣ କରାଯାଇ ଭାରତ ଅଣାଯାଇଛି ।

# ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗତା-୨୦୨୫ର ନୂଆଦିଲ୍ଲୀର ଡକ୍ଟର କାର୍ମି ସିଂହ ସୁଟିଂ ରେଞ୍ଜ୍‌ରେ ୧୦ ମିଟର ଏୟାର ରାଇଫଲ୍ ମିକ୍ସଡ୍ ବର୍ଗରେ ମହାରାଷ୍ଟ୍ରର ପାର୍ଥ ରାକେଶ ମାନ୍ନେ ଓ ଶମ୍ଭାବୀ ଶ୍ରବଣ କ୍ଷୀରସାଗର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିଭଳି କର୍ଣ୍ଣାଟକର ହୃଦୟଶ୍ରୀ କନ୍ଦୁର ଓ ନରେନ୍ ପ୍ରଣବଙ୍କ ଯୋଡ଼ି ରୌପ୍ୟପଦକ ଏବଂ ବିହାରର ଦିବ୍ୟ ଶ୍ରୀ ଓ ରୁଦ୍ର ପ୍ରତାପ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

*****